# CHIRANTANA

# ଚିରନ୍ତନ



ସଂଖ୍ୟା ୪୭, ଡିସେମ୍ବର ୩୦, ୨୦୨୧






Jagannath Organization for Global Awareness (JOGA)
Issue No: 47, December 30, 2021
http://www.jogaworld.org

# Contents


| Article | Author | Page No |
|---|---|---|
| Bhagabat Gita | JOGA Report | 2 |
| ଠାକୁରଙ୍କ ଖେଳ | Editorial | 3 |
| ଭରସା | ଗଙ୍ଗାଧର ମେହେର | 4 |
| ଅର୍ପଣ | ଗଙ୍ଗାଧର ମେହେର | 4 |
| Upcoming Programs by JOGA | JOGA Report | 5 |
| Recently Completed Programs by JOGA | JOGA Report | 5 |
| Chhapana Bhoga Offering and Mahamantra | JOGA Report | 5 |
| Laxmi Puja, Durga Puja in Cooksville Temple | JOGA Report | 7 |
| Rathayatra – Hindu Temple & Cooksville Temple | JOGA Report | 7 |
| Snana Yatra – Cooksville Temple | JOGA Report | 10 |
| Odia Poetry Reading | JOGA Report | 11 |
| Poems/Stories/Essays | | 13 |
| କାହାକୁ କହିବା ଇଏ ମୋ' ନିଜର | ଶଶଧର ମହାପାତ୍ର | 13 |
| ବନ୍ଧୁ ଜଣେ ନାହିଁ ତୁମ ପରି | ବିଜ୍ଞାନୀ ଦାସ | 14 |
| Rathayatra 2021 Sponsors | Radhakrishna Pattnaik/Naresh Das | 15 |
| Bhajan Program: Status & Sponsors | JOGA Report | 16 |
| Wise Thoughts | JOGA Report | 16 |
| Unmochana – Odia Poems from Poetry Reading Events | Sulochana Pattnaik, Manoj Panda, Anjana Chowdhury, Devraj Sahu, Babru Samal, Bigyani Das | 17 |


## Bhajan Schedule: Third Saturday of every month*

Place: Hindu Temple, 10001 Riggs Road, Adelphi, MD 20783 (Tel: 301-445-2165)
6:00 –9:00 PM Bhajan, Philosophiccal Discussion, Arati, and Prasad
**(During this time of covid-19 pandemic, bhajan is being held at JTNA facility every Sunday morning between 11:00 AM – 1:00 PM. Occasional bhajan gatherings and other events are being held at Hindu temple.)**


**Chirantana Info:**
Chirantana is the bi-annual newsletter of Jagannath Organization for Global Awareness (JOGA). From 2022, Chirantan will be published in June and December months of every year.

**Editor: Dr Bigyani Das**
**Deadlines:** Religious, philosophical, and educational articles are invited from the authors by May 15 and November 15 of every year for June and December issues respectively. All submissions are subject to review.




ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।
ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ॥୫-୨୨॥

ଏହି ଶ୍ଳୋକଟି ଭଗବଦ୍ ଗୀତାର **ପଞ୍ଚମ ଅଧ୍ୟାୟରେ ଦ୍ୱିବିଂଶଃ ପଂକ୍ତିରେ** ବର୍ଣ୍ଣନା କରାଯାଇଛି । ଶ୍ରୀ ଭଗବାନ କହିଲେ, "ଇନ୍ଦ୍ରିୟ ଓ ବିଷୟ ସଂଯୋଗରୁ ଯେଉଁ ଭୋଗ (ସୁଖ) ଉତ୍ପତ୍ତି ହୁଏ, ସେସବୁ ଆଦି-ଅନ୍ତଯୁକ୍ତ ଓ ଦୁଃଖର ହିଁ କାରଣ । ତେଣୁ ବିବେକଶୀଳ ମନୁଷ୍ୟ ସେଥିରେ ରମଣ କରେ ନାହିଁ ।"

ye hi sansparsha-ja bhoga duhkha-yonaya eva te
adyantavantah kaunteya na tesu ramate budhah ||5-22||

This Sloka is described in the twenty-second stanza of the fifth chapter. Lord Krishna said to Arjun, "The pleasures that arise from contact with the sense objects, though appearing as enjoyable to worldly-minded people, are verily a source of misery. O son of Kunti, such pleasures have a beginning and an end, and so the wise do not delight in them."

# ଠାକୁରଙ୍କ ଖେଳ

ବିଜ୍ଞାନୀ ଦାସ

ଦେଢବର୍ଷ ବିତିଗଲା । ଦାରୁଣ ଦୁଃଖମୟ ପରିସ୍ଥିତିରେ ବେଳେବେଳେ ମନକୁ ଆସୁଥିଲା, "ଠାକୁର ସତରେ ଅଛନ୍ତି ତ ? ଯଦି ଅଛନ୍ତି, ତେବେ ଏମିତି ନିଷ୍ଠୁର କେମିତି ହୋଇପାରୁଛନ୍ତି ? ତାଙ୍କ ସୃଷ୍ଟିର ଏମିତି କରୁଣ ପରିସ୍ଥିତିରେ ସିଏ ସ୍ଥିର ହୋଇ ବସି ରହିଛନ୍ତି କାହିଁକି ? କିଛି ତ କରନ୍ତେ ନା ।" କିଛିଦିନର ଦାରୁଣ ପରିସ୍ଥିତି ପରେ ଠାକୁର କିଛି କଲେ । ବୈଜ୍ଞାନିକ ମାନଙ୍କ ମନରେ ଜ୍ଞାନ ଭରିଦେଲେ । ବୈଜ୍ଞାନିକ ମାନେ ଟିକା ପ୍ରସ୍ତୁତିର ଜ୍ଞାନ ପାଇ ବିଭିନ୍ନ ଧରଣର ଟିକା ପ୍ରସ୍ତୁତିରେ ମନଯୋଗ କଲେ । ଟିକା ବାହାରିଗଲା । ମନରେ କିଛିଟା ଆଶା ଭରିଗଲା । "ଏବେ ତାହେଲେ ସବୁ କିଛି ଠିକ୍ ହୋଇଯିବ । ସମସ୍ତେ ଟିକା ନେଇଯିବେ । ଭୂତାଣୁ ନା ଛେନା । କୁଆଡେ ମୁହଁ ଲୁଚେଇ ରହିବ ।"

ସେକଥା କିନ୍ତୁ ଘଟିଲାନି । ଯଦିଓ ଆମେରିକାରେ ସମସ୍ତଙ୍କ ଜୀବନ ପ୍ରଣାଳୀରେ କିଛିଟା ମିଳାମିଶା ଆରମ୍ଭ ହୋଇଗଲା, ତେବେ ସେପଟେ ଓଡିଶାରେ ଓ ସାରା ଭାରତରେ ଖେଳିଗଲା ଆତଙ୍କ । ଲକ୍ଷଲକ୍ଷ ଲୋକ କରୋନାରେ ଆକ୍ରାନ୍ତ ହେଲେ ଓ ସେଥିରୁ ଅଧିକାଂଶ ପ୍ରାଣ ହରାଇଲେ । ମେରୀଲାଣ୍ଡ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା କମିଯାଇଥିଲା । ତେଣୁ ଜୁଲାଇ ୧୧ ତାରିଖରେ ରଥଯାତ୍ରା ଅତି ସୁନ୍ଦର ଭାବେ ପାଳିତ ହୋଇପାରିଲା । ଦେଢଶହରୁ ଅଧିକ ଲୋକ କୁକ୍‌ସ୍‌ଭିଲ୍ ମନ୍ଦିରରେ ରଥଯାତ୍ରା ଉତ୍ସବରେ ଯୋଗଦାନ କଲେ ଓ ଆନନ୍ଦିତ ହେଲେ । ସେମିତି ହିନ୍ଦୁ ମନ୍ଦିରରେ ମଧ୍ୟ ତା' ପରବର୍ତ୍ତୀ ଶନିବାର ଦିନ ଜୁଲାଇ ୧୮ ତାରିଖ ଦିନ, ବାହୁଡା ଯାତ୍ରା ଅତ୍ୟନ୍ତ ଧୁମ୍‌ଧାମ୍‌ରେ ପାଳିତ ହେଲା । ଯଦିଓ ସମସ୍ତେ ମୁଖା ପିନ୍ଧୁଥିଲେ ଓ ଯେତେଦୂର ସମ୍ଭବ ସାମାଜିକ ଦୂରତା ରକ୍ଷା କରୁଥିଲେ, ତଥାପି ସମସ୍ତେ ଉପଭୋଗ କରୁଥିଲେ ଓ ଅନେକଦିନର ବ୍ୟବଧାନରେ ପରସ୍ପରକୁ ଭେଟି ଖୁସି ହେଉଥିଲେ ।

ପୃଥିବୀରେ ଏ ସମୟରେ କରୋନା ଭୂତାଣୁର ବିଭନ୍ନ ଭାରିଆଣ୍ଟ୍, ଅର୍ଥାତ୍ ପ୍ରତିରୂପ ବାହାରିବାକୁ ଲାଗିଲେ । ସେମାନଙ୍କୁ ସାଧ୍ୟ କରିବାକୁ ବୈଜ୍ଞାନିକ ମାନେ ମୁଖର ହୋଇପଡିଲେ । ଯେମିତି କି ଏ ଯୁଦ୍ଧର ଅନ୍ତ ନାହିଁ । ଆଗରୁ ଯାହା ଟିକା ନେଇଥିବାରୁ ମନରେ ସାହସ ଜାଗିଥିଲା, ଏବେ ପୁଣି ଟିକା ନେଇଥିବା ଲୋକଙ୍କ ମଧ୍ୟରେ ମଧ୍ୟ କରୋନା ପ୍ରତିରୂପ ନିଜର ଭୟାବହତା ଦେଖାଇବାକୁ ଲାଗିଲା । ଜଗତରେ ଏମିତି ପରିସ୍ଥିତି ଚାଲୁଥିବା ସମୟରେ ହିନ୍ଦୁ ମନ୍ଦିରର ମାସିକ ଭଜନ ଧୀରେଧୀରେ ଆରମ୍ଭ କରାଗଲା । ପ୍ରଥମେ ଅଳ୍ପସଂଖ୍ୟକ ପରିବାର ଅଗଷ୍ଟ ମାସରେ ଏକତ୍ରିତ ହୋଇଥିଲେ ଓ ସେମିତି ଅଳ୍ପ ସଂଖ୍ୟାରେ ସେପ୍‌ଟେମ୍ବର ଓ ନଭେମ୍ବର ମାସରେ ମଧ୍ୟ ଏକତ୍ରିତ ହୋଇ ସ୍ୱଳ୍ପ ସମୟ ମଧ୍ୟରେ ରୀତିନୀତି ଶେଷ କରି ଫେରିଯାଉଥିଲେ ।

କୁକ୍‌ସ୍‌ଭିଲ୍ ମନ୍ଦିରରେ ପ୍ରତି ରବିବାର ସକାଳ ୧୧ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ପୂଜା ଓ ଭଜନ କାର୍ଯ୍ୟକ୍ରମ ରହୁଛି । ତା' ବ୍ୟତିରେକ ଅନ୍ୟ ସମସ୍ତ ପୂଜା ଯଥା ସାବିତ୍ରୀବ୍ରତ, ଦୁର୍ଗାପୂଜା, ଦୀପାବଳି, ଇତ୍ୟାଦି ମଧ୍ୟ ପାଳିତ ହେଉଛି ।

ଏ କରୋନା ମହାମାରୀର ପ୍ରକୋପ ତଥାପି ସରିନି । ଶୁଣାଯାଉଛି ଆଉ ଏକ ନୂଆ ପ୍ରତିରୂପ ଆଫ୍ରିକା ମହାଦେଶରେ ପ୍ରକୋପ ଖେଳାଇଲାଣି ।

ଭବିଷ୍ୟତ ତଥାପି ଅନିଶ୍ଚିତ । ଏ କରୋନାର ଶେଷ କେମିତି ଘଟିବ, ଏ ସବୁ ପ୍ରତିରୂପ ମାନଙ୍କର ଅନ୍ତିମ ସମୟ କେମିତି ଆସିବ, ସେସବୁ ସେ ମାୟାଧର, ସୂତ୍ରଧରଙ୍କୁ ହିଁ ଜଣା । ଆମେ କେବଳ ତାଙ୍କୁ ପ୍ରାର୍ଥନା କରି ଆମ କର୍ତ୍ତବ୍ୟ ପାଳନରେ ବ୍ରତୀ ରହିବା ।

# ଭଜନ - ଗଙ୍ଗାଧର ମେହେର

## ଭରସା

ଦୃଢ ଭରସା କରିଛି ଚରଣେ
ଦିନେ ନାହିଁ ଦିନେ   କରୁଣା ଲଭିବି
ଜୀବନେ ନହେଲେ ମରଣେ ।

ତୁମ୍ଭର ଚରଣ   ଜଗତ ଶରଣ
କେହି କରୁ ବା ନ କରୁ ବରଣ
ଚିର ଦୁଃଖ ଦେଇ   ପାରିବ କି ଚାହିଁ
  ଭବସାଗର ସନ୍ତରଣ ।୧।

ଚାଲିଯାଉଛି ରଜନୀ ବାସର
ଚଳିଯାଉଛି ମାସ ସଂବତ୍ସର
ମୋର ଦଶା ଚିର   ରହିଥିବ ସ୍ଥିର
  ବାହାର ସେ ମୋ ବିଶ୍ୱାସର ।୨।

ତୁମେ ନିଜେ ଯାକୁ ଅଛ ସରଜି
ତାକୁ କେମନ୍ତେ ପାରିବି ବରଜି
ତୁମ୍ଭର ଦଣ୍ଡନ   ମଣିବି ମଣ୍ଡନ
  କେମନ୍ତେ ନ ହେବ ମରଜି ।୩।

ତୁମ୍ଭେ ମାରିବ ଅଥବା ତାରିବ
ଯାହା ଇଚ୍ଛା ତାହା କରିପାରିବ,
ଯାହା କର ତାହା   ତୁମ୍ଭ ଇଚ୍ଛା ବୋଲି
  ମୋ ଜୀବ ସମୟ ସାରିବ ।୪।

ପ୍ରଭୁ ଶୁଣିଅଛି ଏକ ମନ୍ତର
ତାହା ଭାବୁଛି ବସି ନିରନ୍ତର
ଯେତେ ଦୋଷ କଲେ   ତୁମ୍ଭ ଦେଶୁ ବଳେ
  କରି ନ ପାରିବ ଅନ୍ତର ।୫।

## ଅର୍ପଣ

ଜୟ ଜଗନ୍ନାଥ ଜୟ ସଂପଦୀଶ
  ଜୟ ମୋ ଜୀବନ କାରଣ,
ମନ ମୋର ଯେବେ   ଅପଥେ ଚଳଇ
  କାହିଁକି ନ କର ବାରଣ ।

  ଯେବେ କରିବାକୁ ଭବେ ତର୍ପଣ,
  କରେଁ ତାକୁ ପଦତଳେ ଅର୍ପଣ
ପାପେ ଘୃଣା କରି   ଫିଙ୍ଗିଦିଅ କିପାଁ
  ତୁମ୍ଭେ ପରା ଜନତାରଣ ।୧।

  ଭବେ ତୁମ୍ଭେ ମହା ପାପହରଣ
  ବୋଲି ପଶିଲି ଚରଣେ ଶରଣ,
ପାପେ ଯଦି ଡରି   ଯିବି ଅପସରି
  କେମନ୍ତେ ହେବ ତା କାରଣ ।୨।

  ଯଦି ବୋଲିବ ମୋର ଭରମ
  ପାପ ମୋର ଅରଜିତ କରମ
ଅରଜିଛି ଯାହା   ଅରପିଲି ତାହା
  କୃପା ବହି କର ଧାରଣ ।୩।

  ମନ ନୁହେଁ କି ତୁମର ପ୍ରଦାନ
  କଣ ନୁହେଁ ସେ ପ୍ରାଣର ପ୍ରଧାନ,
ଦେଇଅଛ ଯାହା   ନେବ ନାହିଁ ତାହା
  ଏ କେମନ୍ତ ଅବଧାରଣ ।୪।

# Upcoming Programs by JOGA

## Holi 2022, March 19-20, 2022

Holi will be celebrated on Saturday-Sunday, March 19-20, 2021. Detail announcements will be shared through emails about exact timing and locations depending on the pandemic situation. If permissible, Holi cultural event will be in Hindu Temple auditorium.

## Sunday Services at Cooksville Temple

Puja and prayer services will continue at Cooksville temple every Sunday from 11:00 AM – 1:00 PM. Detail information on online link and on-site activity is announced and shared through the JOGA mailing list and WhatsApp group.

## Special Puja and Rituals at Cooksville Temple

Special puja and rituals at Cooksville temple will be communicated through JOGA mailing list and WhatsApp group.

# Reports on Recently Completed JOGA Events

## Chhapana Bhoga Offering and Mahamantra Chanting at Hindu Temple, December 12, 2021

This year mahamantra chanting and chhapana-bhoga offering was held at Hindu Temple on Sunday, December 12, 2021.










## [Mohamantra and Chhapana Bhoga at Cookesville Temple (November 14th, 2021)]

Three-hour non-stop Mahamantra chanting and chhapana bhoga offering were held at Cookesville Temple on November 14.

## Deepabali Celebration and Laxmi Puja in Cooksville Temple (November 4-6, 2021)

Deepabali was celebrated in Cooksville temple for 3 days. On November 4th, Thursday, Laxmi Puja was held by temple priest Nityanand Mohapatra. On Friday, November 5th, Gobardhan Puja was held. Dr Usha Bhargav presented bhajan on November 6th.

## Durga Puja in Cooksville Temple (October 15-17, 2021)

Durga puja was celebrated in Cooksville temple for three days in October 15-17, 2021. Temple priest Nityanand Mohapatra performed puja. Many volunteers contributed in bhoga preparations, Kalasha sponsorship as well as in supporting activities.

## Rathayatra (Chariot Festival) on July 11, 2021 (At Cooksville Temple)

Ratha Yatra, the chariot festival of the deities took place on July 11, 2021, at Jagannath temple of North America at 2028 Millers Mill Rd, Cooksville, Maryland

By this time many people have taken vaccine and thus the attendance was good. Howard county executive Dr Calvin Ball graced the occasion. Even though the chariot pulling happened in the temple premises, the experience was divine. Availability of the Odia priest Nityanand Mohapatra and his guidance on rituals of Rathayatra, were helpful. After the chariot pulling, prasad was offered to the devotees. Bhajan continued for two hours.

Irrespective of several variants of Covid-19 still active in our region, many families gathered for this auspicious event and that is truly a miracle. Several of the families met many friends in person after more than a year. As many people were vaccinated, this face to face in person meeting became possible.

2021 Rathayatra pictures are available at

Album1
https://photos.app.goo.gl/oxwt7aXuEJeLK4867

Album2
https://photos.app.goo.gl/pVqACvVdfmAwT2eR9

Babru's Site:
https://www.babru.com/ryatra21/

Ratha Jatra videos are uploaded to:
https://www.youtube.com/jogadarshan


DONATION BOX





## Bahuda Rathayatra at Hindu Temple (July 18, 2021)

Bahuda yatra at Hindu temple was held on July 18, 2021, at 5:00 PM. Ratha puja was performed by the temple priests together with Odia priest Nityanand Mohapatra. The chariot pulling started at 5:30 PM. Many Hindu temple devotees and several Odia families participated in the event. The chariot pulling was held inside the temple complex covering the complete parking area.

Unlike last year, many devotees of Hindu Temple participated in this year's Bahuda Jatra at Hindu Temple. Temple chairman Dr Bikram Paul did the chhera-pahara. JTNA temple priest Nityanand Kar Ji recited holy hymns together with Hindu temple priests creating a sacred environment of pure joy.

Bahuda Jatra Pictures
https://photos.app.goo.gl/T6oCa4vuZNgcfYob7

Bahuda Jatra Video Youtube
https://youtu.be/AA2hT-ywMQM
https://www.youtube.com/user/jogadarshan







Rathayatra bhajan program was held after the deities were back at their own altar. Debaki Nandan Chowdhury sang beautiful Jagannath bhajans followed by temple priest Pitambarji. Prasad was distributed after the bhajan.

**Snana Jatra on June 26, 2021 (At Cooksville Temple)**

Snana Purnima was observed on June 26, Saturday. The weather was good. With participation of a few devotees, the puja was performed by JTNA priest Nityanand Mohapatra.

We thank following sponsors for snana jatra celebration.

1. Gyana and Sujata Bohidar, VA
2. Jhinu and Santanu Chottray, VA
3. Prafulla and Sangeeta Nayak, VA

# Odia Poetry Reading

## Bisuba Milana Poetry Reading: April 24, 2021

The poetry reading event was held through zoom. The participants were enthusiastic. Even though some participants had already received vaccination, yet keeping everybody in mind, the event was held virtually.




The program flow was:
Sobhana Das (invocation song: Swargadapi Gariyasi)
Bigyani Das (Bande Utkala Janani)
Sulochana Pattnaik (Welcome Message)
Sulochana Pattnaik (Title: Basanta Asichhi)
Anjana Chowdhury (Title: Basantara Agamana)
Manoj Panda (Title: Basantika Abhisara)
Devraj Sahu (Title: Deer Off)
Anu Biswal (Sloka for Ramanavami)
Bigyani Das (Premara E Nutana Ranga)
Ayan Biswal (About different poets of Odisha, Upendra Bhanja, Gangadhar Meher etc.)
Sobhana Das (To Lagi Gopadanda Mana by Gopalakrushna Pattnaik)

Everybody was happy to see familiar faces after long breaks. Many other writers in DC area were absent due to family engagements. The program was live on YouTube at https://www.youtube.com/watch?v=GeXdyeOg4q0

# Fall Poetry Reading: October 9, 2021




This event was held virtually through zoom. The program flow was:

Welcome
Bande Utkal Janani (Bigyani Das)
Bandita Nayak (Tumaku Basichi Chahin Mana Gahane – by Laxmidhar Nayak)
Babru Samal (Title: Knowing for the first time)
Sikhanda Satapathy (Title: Nirupaya)
Manoj Panda (Title: Ashani Sanketa)
Jhinu Chhotray (Title: Jibana Rahasya)
Anu Biswal (Title: Phula Phutichhi Dharare Tuma Paain by Prafulla Tripathy)
Binod Nayak (Title: Ki Sure Gaaibi He Mahaprana by Laxmidhar Nayak)
Bigyani Das (Title: Pralobhana)
Maushumi Pattanayak (Baisnaba Janto)

YouTube Link:
https://www.youtube.com/watch?v=SEMhZBNEwXg

# Poems/Stories/Essays



## କାହାକୁ କହିବା ଇଏ ମୋ' ନିଜର

ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ମେରୀଲାଣ୍ଡ୍

କାହାକୁ କହିବା ଇଏ ମୋ' ନିଜର
କାହାକୁ କହିବା ପର
ଯାହାକୁ ଭାବୁଛୁ ଇଏ ତ ନିଜର
ସିଏ ହେଇଯାଏ ପର

ପର ଲୋକ ବରଂ ହେଉଛି ନିଜର
ନିଜ ଲୋକ ହୁଏ ପର
ସୁଯୋଗ ଉଣ୍ଡିକି ନିଜ ଲୋକଟିଏ
ମୂଳରୁ କାଟଇ ଚେର

ଦୁନିଆ ଯାଇଛି ଅନେକ ବଦଳି
ସ୍ୱାର୍ଥ କରିଛି ଅନ୍ଧ
ସ୍ନେହ, ଶ୍ରଦ୍ଧା, ପ୍ରେମ ଶବ୍ଦବାଣ ଆଜି
ମାନୁନାହିଁ ବାଡ ବନ୍ଧ

ସୁଖରେ ହୁଅନ୍ତି ସାଥୀ ସଭିଏଁ
ଦୁଃଖରେ ନହୁଏ ଦେଖା
ପ୍ରକୃତ ବନ୍ଧୁଙ୍କୁ ଚିହ୍ନିବ ଜାଣିଥା
ଦୁଃଖ ବେଳେ ଯିଏ ସଖା

ଯେଉଁ ବନ୍ଧୁ ଦିନେ କହିଥିଲା ଥରେ
ବଢାଇଦେବ ତା' ହାତ
ବୁଝିବାକୁ ତୁମେ ଶତ ଚେଷ୍ଟାକଲେ
ଅବୁଝା ହୁଏ ଗଣିତ

ଏ କଳି କାଳରେ କଥା ଦେଇଥିଲେ
କଥା ହୁଏ ବିପରିତ
ଏକରୁ ଅନେକ ସର୍ତ୍ତ ଲାଗିଯାଏ
ଭୁଲି ହୁଏନାହିଁ ସେତ

ନିଜ ସ୍ୱାର୍ଥପାଇଁ ଯିଏ ହୁଏ ବନ୍ଧା
ନୁହେଁକି ସିଏ ପାଗଳ ?
ଏହି ଦୁନିଆରେ ତିଷ୍ଠିବାପାଇଁକି
ଜଗି ରଖି ତୁମେ ଚଳ

କାହାକୁ ଭରସା ନକରି ଏଥର
ପ୍ରଭୁପାଦେ ରଖ ଲୟ
ନିଜ ହାତେ ନିଜ କାମ କର ବନ୍ଧୁ
ହେବ ସମସ୍ତଙ୍କ ପ୍ରିୟ

# ବନ୍ଧୁ ଜଣେ ନାହିଁ ତୁମ ପରି

*ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍*



ଜଗ ମୋହନ, ଜଗନ୍ନାଥ, ହରି ହେ
ବନ୍ଧୁ ଜଣେ ନାହିଁ ତୁମ ପରି ।ପଦ।

ଚକାନୟନରେ ତୁମ
  ପଡିଗଲେ ଆଖି
ଛନ୍ଦି ହୋଇ ରହେ ଚିତ୍ତ
  ଆଖି ରହେ ଲାଖି
ମନ ପୁଲକେ ଯାଏ ଭରି ରେ ।

ମେଲି ଦୁଇ  ବାହୁ ଦିଅ
  ଅଭୟ ଆଶୟ
ସେହି ଗତି ମୁକ୍ତି, ତହିଁ
  ନାହିଁଟି ସଂଶୟ
ଆଶା, ଭରସା ସେହି ଡୋରିରେ ।

ତୁମେ ଯହିଁ   ଅଛ ତେଣୁ
  ଆନ ଚିନ୍ତା ନାହିଁ
ଏ ଜୀବନ   ରଥ ନିଷ୍ଚେ
  ନେବ ତୁମେ ବାହି
ନାମ ସୁମରି ଯିବି ତରି ରେ ।

ଜୟ ଜୟ କରୁଣାସିନ୍ଧୁ ହେ
ଜୟ ଜୟ ଭକତବନ୍ଧୁ ହେ
ବନ୍ଧୁ ଜଣେ ନାହିଁ ତୁମ ପରି ।

# Rathajatra 2021 Sponsors

## We thank the following rathajatra sponsors.

**Taladhwaja Sponsor ($300+)**
1. Asha and Pradip Swain
2. Arati and Nrusingha Biswal
3. Prafulla and Sangeeta Nayak
4. Sujit and Pinky Das
5. Bigyani and Naresh Das
6. Sudhir and Reema Raju

**Darpadalan sponsor ($200+)**
1. Anu and Nilambar Biswal
2. Prasan and Baruni Samal
3. Bijay and Sinu Dash
4. Joy Gopal and Sulochana Mohanty
5. Manoj and Snigdha Mishra
6. Asha and Pradip Swain

**Prasad Sponsor ($150+)**
1. Koneti and Neelam Rao
2. Ajit Behera, Charleston, WV
3. Bikash and Dipti Mishra
4. Jay and Mona Satpathy
5. Gyan and Sujata Bohidar
6. Asha and Pradip Swain
7. Ashutosh and Sarmistha Dutta
8. Pinaki and Kalpana Panigrahi

**Nandighosa sponsor ($100+)**
1. Nrusingha and Bandita Mishra
2. Shashadhar and Meera Mohapatra
3. Bhabani and Sabujima Das
4. Jay and Mona Satpathy
5. Chandan and Subhalaxmi Pratihari
6. Ajit and Barnali Sahu
7. Rajeev Verma
8. Radha K. and Sagarika Patnaik

9. Lopa and Sudhansu Mohanty
10. Mille and Alok Roy
11. Hemant and Priti Biswal
12. Asha and Pradip Swain
13. Bhudeep Patnaik
14. Kirtan Sahoo
15. Vidya Sagar Lokhande
16. Raj and Soni Rath

**Flower sponsor ($50+)**

1. Supravat and Pinky Rath
2. Tapan and Monalisa Kanai
3. Sabyasachi Kar
4. Sanat and Sagarika Pattnaik
5. Asha and Pradip Swain

***Bhajan Program – Status & Sponsors:*** We thank all the families for regularly participating in bhajan program activities. In person bhajan program is continuing every Sunday at JTNA temple facility from 11 AM to 1:00 PM. In person bhajan at Hindu temple were held with a few devotees during the months of September and November. Virtual bhajan is being held every month even though the participation number has decreased.

We thank for your spirit of keeping the spiritual connection with JOGA activities during this difficult time. We pray for a bright and beautiful world to appear soon where we all can do our explorations freely without any fear of the unknown.

### Wise Thoughts (Mahatma Gandhi):

Nearly everything you do is of no importance, but it is important that you do it.

Happiness is when what you think, what you say, and what you do are in harmony.

Your beliefs become your thoughts,
Your thoughts become your words,
Your words become your actions,
Your actions become your habits,
Your habits become your values,
Your values become your destiny.




## ଯୋଗ ତରଫରୁ ଆୟୋଜିତ କବିତାପାଠ - ୨୦୨୧

୨୦୨୧ ମସିହାର ଶୀତ ଯାଇ ବସନ୍ତ ହେଲା । ତଥାପି କରୋନା ଭୂତାଣୁର କରାଳତା ବିଶ୍ୱକୁ ଆକ୍ରାନ୍ତ କରି ରଖିଥିଲା । ଯଦିଓ ଯୁକ୍ତରାଷ୍ଟ୍ର ଆମେରିକାରେ ଟିକାକରଣ ଆରମ୍ଭ ହୋଇଯାଇଥିଲା ଓ ପରିସ୍ଥିତି କିଛିଟା ନିୟନ୍ତ୍ରଣ ଦିଗକୁ ଗତି କରୁଥିଲା, ତେବେ ଭାରତରେ ଅବସ୍ଥା ଶୋଚନୀୟ ହୋଇଆସୁଥିଲା । ମନରେ ଆସୁଥିଲା ଅନେକ ତରଙ୍ଗ। ବସନ୍ତକୁ ଅନୁଭବ କରିବାର ତରଙ୍ଗ କରୋନାକୁ ବିତାଡିତ କରିବାର ତରଙ୍ଗ ପୂର୍ବର ଜୀବନ ପ୍ରଣାଳୀକୁ ଫେରିପାଇବାର ତରଙ୍ଗ ଓ ଆଗାମୀ ଖରାଛୁଟି ପାଇଁ ସ୍ୱପ୍ନ ରଚିବାର ତରଙ୍ଗ। ଏମିତି ସବୁ ଭାବନା ଭିତରେ ଏପ୍ରିଲ୍ ମାସର ୨୪ ତାରିଖରେ ବିଷୁବମିଳନ କବିତାପାଠ ଜୁମ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ଯଦିଓ ଅଳ୍ପ ସଂଖ୍ୟକ ଲେଖକମାନେ ଯୋଗଦାନ କରିଥିଲେ, ତଥାପି କବିତାପାଠର ପରଂପରା ଜାରି ରହିପାରିଲା ।

ସେମିତି ଅକ୍ଟୋବର ମାସରେ ୯ ତାରିଖରେ ଶାରଦୀୟ କବିତାପାଠର ଆସର ମଧ୍ୟ ଜୁମ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ଯଦିଓ ସେତେବେଳକୁ ସମସ୍ତେ ପ୍ରାୟ ଦୁଇଦୁଇଟି ଟିକା ନେଇସାରିଥିଲେ, ତଥାପି କରୋନାର ଭୟ ଥିଲା । ସମସ୍ତେ ଶତକଡା ଶହେ ଭାଗ କରୋନା ଚିନ୍ତାରୁ ମୁକ୍ତ ହୋଇପାରୁନଥିଲେ ।

ଅତଏବ୍ ଏମିତି କାହା ଘରେ ସାଙ୍ଗସାଥୀ ହୋଇ କିଛି ଗୋଟିଏ କରିବାର ଭାବନା ସମସ୍ତଙ୍କୁ ବିବ୍ରତ କରୁଥିଲା ।

ଉପରୋକ୍ତ କବିତାପାଠ ସମାରୋହରେ ପଠିତ ସମସ୍ତ କବିତା ଆମ୍ଭର ହସ୍ତଗତ ହୋଇନାହିଁ । ଯେଉଁ କେତୋଟି ହସ୍ତଗତ ହୋଇଛି, ସେସବୁ ଏଠାରେ ପରିବେଷଣ କରୁଛୁ ।

| | |
|---|---|
| ବସନ୍ତ ଆସିଛି | ସୁଲୋଚନା ପଟ୍ଟନାୟକ |
| ବାସନ୍ତିକ ଅଭିସାର | ମନୋଜ ପଣ୍ଡା |
| ଅଶନି ସଙ୍କେତ | ମନୋଜ ପଣ୍ଡା |
| ଡିଅର୍ ଅଫ୍ | ଦେବରାଜ ସାହୁ |
| ବସନ୍ତର ଆଗମନ | ଅଞ୍ଜନା ଚୌଧୁରୀ |
| ପ୍ରେମର ଏ ନୂତନ ରଙ୍ଗ | ବିଜ୍ଞାନୀ ଦାସ |
| ପ୍ରଲୋଭନ - ବିଜ୍ଞାନୀ ଦାସ | ବିଜ୍ଞାନୀ ଦାସ |
| Knowing for the first time | Babru Samal |



# ବସନ୍ତ ଆସିଛି

ସୁଲୋଚନା ପଟ୍ଟନାୟକ, ଏଲକ୍‌ରିଜ, ମେରିଲାଣ୍ଡ

ଆଜି ଧରା ପରେ ବସନ୍ତ ଆସିଛି
ଖେଳାଇ ବସିଛି କାନି
ସବୁଜ ପଣତ ଧରା ଆବୋରିଛି
ପବନେ ଲାଗିଛି ଫଗୁଣ ଅଗ୍ନି ।

ଫଗୁଣର ନିଆଁ ଜଳୁଛି କୁହୁଳି
ଆକାଶ ଦିଶୁଛି ନାଲି
ଫୁଟିଛି ଟୁଲିପ, ଫୁଟେ ଡାଫୋଡିଲ
ପଡୁଅଛି ଏଠି ହୁରି ।

କିଏ ସେ ଆସିବ, କିଏ ଚାଲିଯିବ
ଧରା କେବେ ଜାଣେ ନାହିଁ
ଅଜଣା ସେ ଫୁଲ ଫୁଟି ମହକଇ
ବାସ ଯାଏ ନାହିଁ କାହିଁ ।

ଧରି ରଖେ ଗଛ ଫୁଲର ମହକ
ଲାଜେ ତା ନୁଆଁଇ ମଥା
ତିନୋଟି ମାସକୁ ଧରି ରଖିବାକୁ
ପ୍ରୟାସ ତାର ଯେ ବୃଥା ।

ବସନ୍ତରେ ହସେ ଗଗନ ପବନ
ଦେଖିଲେ ହସଇ ମନ
ଉଡିବୁଲେ ଯହିଁ ଦେଖେ ଫୁଲଟିଏ
ଜାଣି ନ ଥାଏ ତା ନାମ ।

ଜୁଇ ଯାଇ ମଲ୍ଲି, କେତକି ଚାମେଲି
ହେବେ କିଏ ତାର ସରି
କୃଷ୍ଣଚୁଡା ହସି, କହୁଥାଏ ବସି
ରୂପରେ ସେ ଯେ ସୁନ୍ଦରୀ ।

ପେଟୁନିଆ ତେଜି, କସମସ ଆଜି
ଫୁଟେ ତୁମ ଆଗମନେ
କେମିତି ଗାଇବି ତୁମ ଗୁଣଗାଥା
ଗେଣ୍ଡୁ ମଣ୍ଡା ହସେ ବନେ ।

ଆମ୍ବ ବଗିଚା ମୋ' ଦିଶଇ ସୁନ୍ଦର
ବଉଳରେ ଭରପୁର
ମନ୍ଦାର ସେବତି, ଗୋଲାପରେ ଭର୍ତ୍ତି
କେହି ନାହିଁ ସମାନ୍ତର ।

ମଟର ଫୁଲର ବଇଗଣୀ ରଙ୍ଗ
ହଳଦିଆ ଜହ୍ନି ଫୁଲ
ରଙ୍ଗ ବେରଙ୍ଗର ସେବତୀ ଫୁଟଇ
ଗାଡିଆରେ କଇଁଫୁଲ ।

ବର୍ଷ ପରେ ବର୍ଷ ଲିଲି ଫୁଟୁଥାଏ
ମନରେ ଆଣି ଆଶ୍ୱାସ
ବରଷକ ପରେ ହୋଲି ରଙ୍ଗ ଖେଳି
ମନରେ ବଢେ ବିଶ୍ୱାସ ।

ଆଜି ଯିବ ଚାଲି, ଆସିବଟି କାଲି
ନାହିଁ ସେ ଶୁଣିବ ନାହିଁ
ଅପେକ୍ଷାର ଫଳ ନିଶ୍ଚୟ ମିଳିବ
ଜୀବ ଥିବା ଯାଏଁ ରହି ।

ପ୍ରଜାପତିଟିଏ ଉଡି ବୁଲୁଅଛି
ପକ୍ଷିଟିଏ ଡାଳେ ଡାଳେ
ଶୀତର ପ୍ରକୋପେ କେଉଁଠି ଥିଲା ସେ
ଆଜି ମୁହଁ କେତେ ଭାଲେ ।

# ବାସନ୍ତିକ ଅଭିସାର

ମନୋଜ ପଣ୍ଡା

ଗେଥର୍ସବର୍ଗ, ମେରୀଲାଣ୍ଡ



ଚଇତି ରାଣୀ ଆସିଛି ପୁଣି
ଫୁଲ ଓଢଣା ଟାଣି
ଗହଳ ଲତା ପତରେ ମାନି
ମହକେ ତାର କାନି ।

ଶୀତ ମାଉସୀ ରୁଷି ଯାଇଛି
ସମୟ ରଥେ ବସି
କୁସୁମାକର ଯାଇ ଆସିଛି
ପାଟ ପଟୁଆରେ ହସି ।

ସହକାରର ବଉଳ ପେଛା
ଡାଳ ଡାଳରେ ହୋଇଛି ଗୁଚ୍ଛା
କୋଇଲି ଦୂରେ ରାଗିଣୀ ଟୋଳେ
ଜିଣି ବୀଣାର ମଧୁର ତାଳେ ।

ଫୁଲେଇ ଫଗୁଣ ଫଗୁର ରଙ୍ଗେ
ରସେଇ ହୋଇ ନାଚେ ଯେ ସଙ୍ଗେ
ଗୋପ ଲଲନା କୁଞ୍ଜର ବନେ
ରଚାଏ ରାସ ବଇଁଶୀ ସ୍ୱନେ ।

ଏଥୁ ଅନ୍ତେ... ଭାଷିଲେ ଗୋପାଙ୍ଗନା
ଗଣ....

ଚାନ୍ଦିନୀ ରାତିର ପୂର୍ଣ୍ଣ ଶଶୀ ତୁମେ
ତପ୍ତ ତପନରେ ହୃଦ ଚନ୍ଦନ
ଶ୍ରାବଣ ଧାରାର ମଧୁର ଝଙ୍କାରେ
କୋକିଳ ରବ ଯେ ମୃଦୁ ଅନିଳର ।

ତା ପରେ...

ମଳୟ ଯେବେ ମହ୍ଲାର ରାଗେ
ଧୀର ସମୀରେ ମନ ତରଙ୍ଗେ
ଚନ୍ଦ୍ରିମା ଯେବେ ଢୁଳେଇ ପଡେ
ରାତିର ମୁକ୍ତ କବରୀ ତଡେ ।

ନବ ପଲ୍ଲବ ଭୂଷଣ କରି
ଶାଗୁଆ ଶାଢୀ ମାନଇ ଭାରି
ଲାଜେଇ ମହୀ ଗୋଲାପି ଗଣ୍ଡେ
ଋତୁର ରାଜା ଆବେଗେ ଚୁମ୍ବେ ।

ଆଉ....

କୃଷ୍ଣଚୂଡା ଖେଳେ ରଙ୍ଗ ପସରାରେ
ପଳାସ ସୁବାସ ଝୁରେ ଅଭିମାନେ
କୁମୁଦ ତଡାଗେ ମୁଗ୍ଧ ଶୁଭ୍ର ଶଶୀ
ଧାରେ
ଯୂଇ ଯାଇ ମଲ୍ଲୀ ଉଲ୍ଲାସ ଅପାରେ ।

ଚିତ୍ରପତଙ୍ଗ ଗୁଣ୍ଡୁଚି ପିକ ସାରୀ
ମେଳେ
ହଳଦୀବସନ୍ତ ରଚେ ନୀଡ
ନାରିକେଳେ
ବିହଙ୍ଗ କୁରଙ୍ଗ ସବୁ ଉତ୍ସବ ମୁଖର
ଧରା ଧାମେ ଆଜି ଦେବଲୋକ ସ୍ୱର
।

ନଦୀ ନାଳ ପୂର୍ଣ୍ଣ ମଣ୍ଡିତ ମେଖଳା
ଭୁବେଦଶେ ପୁଣି ଆଜି ଅଭିସାର ମାଳା
ମନ ପ୍ରଫୁଲ୍ଲିତ ପୂତ ଓ ପ୍ଲାବିତ
ସରସ ଦର୍ଶନ ଭବେ ସମ୍ମିଳିତ ।

ଜଗତ ଧାତ୍ରୀଙ୍କ ଚୈତ୍ର ନବ ରାତ୍ରି
ଶୁଦ୍ଧ ରୁଚ କାନ୍ତି ଆବେଗେ ଭକତି
ଆହ୍ଲାଦ ଆଶୀଷ ଢାଳିଦିଅ ମାତା
ଏ ମହାମାରୀର ତୁମେ ଉଦ୍ଧାର
କରତା ।

ସମୟ ଚକର ଏ ଅଦ୍ଭୁତ ଖେଳ
ବୁଲି ଚାଲିଥାଏ ନାହିଁ ଅବସର ବେଳ
ଖରା, ବର୍ଷା, ହିମ, ହେମନ୍ତ ବସନ୍ତ
ଏକ ପରେ ଆସେ ଏକ ଅନାଦି
ଅନନ୍ତ ।

ବାଲ୍ୟ, କଇଶୋର, ଯଉବନ ପ୍ରଉଢ
ବୃଦ୍ଧାଦି ଅବସ୍ଥାର ଗତି ଦେହେ ଦେଢ
ରୋଗ, ଶୋକ, ହାସ କ୍ରୀଡା କାନ୍ଦ ଓ
ବେଦନା
ଅଚିର, ଅସ୍ଥାୟୀ ସବୁ ନକର ଭାବନା
।

ଜୀବନର ଲକ୍ଷ୍ୟ ପଥେ ହୁଅ
ଆଗୁସାର
ଦୟାମୟ ସଙ୍ଗେ ଛନ୍ତି ନାହିଁ
ଡରିବାର
କାଳ ଚକ୍ର ଗତିପଥେ ତାଳ ମେଳ
କରି
କଟି ଯାଉ ଦିନ ସବୁ ସଂସାରେ
ଆମରି ।

---------------------0-----------------------

ଚୈତ୍ର, ଶୁକ୍ଳ ଦ୍ୱାଦଶୀ
ଏପ୍ରିଲ୍, ୨୪, ୨୦୨୧

# ଅଶନି ସଙ୍କେତ

ମନୋଜ ପଣ୍ଡା, ଗେଥରସବର୍ଗ, ମେରୀଲାଣ୍ଡ୍

ହିନ୍ଦୁକୁଶର ଜୀର୍ଣ୍ଣ ପ୍ରାଚୀର ଦୁର୍ଗମ ଗିରି ଡାକେ
ଶତବର୍ଷର ରଣ ସଙ୍ଗୀତ କ୍ଷତ ବିକ୍ଷତ ବୁକେ | (1)

ବାବର ବର୍ବର ତୈମୁରଲଙ୍ଗ ଗାନ୍ଧାର ଦେଶୁ ଆସି
ରଚାଇଲେ କେତେ ଧ୍ୱଂସ ତାଣ୍ଡବ ଭାରତ ଦେଶେ ଆସି | (2)

କେତେ ସମ୍ରାଟ କେତେ ସ୍ୱରାଟ ରାଜ୍ୟାଧିପତି ମାନେ
କେତେ ରାଜଗାଦି ମିଶିବି ଯାଇଛି ମାଟି ଆଫଗାନିସ୍ଥାନେ | (3)

ମହାଭାରତର ଗାନ୍ଧାରୀ ମାତା ଯେଉଁ ଭୂମି ଦେଇଥିଲା
ସେହି ଜନପଦେ ଖେଳେ ହାହାକାର କି ଅବିଚାର ହେଲା? | (4)

ମଧ୍ୟଏସୀୟ ଚୌହଦୀ ଛକେ
କମାଣ ବର୍ଷିଛି ତୁହାକୁ ତୁହା,
କାବୁଲ ହେରାତ ଚିତ୍କାର କରେ
ହିଂସ୍ର ମୁଠିରୁ ନ ପାଇ ରାହା | (5)

ନିଜ ପରାକ୍ରମ ପରାକାଷ୍ଠା ପାଇଁ ବିଶ୍ୱ ସମୂହ ଶକ୍ତି ଗଣ
ଶୀତଳ ସମ୍ମୁଖ ସଂଗ୍ରାମ ବଳେ ଲଭିଲେ ଅସ୍ଥିର ବିଜୟ କ୍ଷଣ | (6)

ଆତଙ୍କବାଦୀର ନର ସଂହାରେ ଲୁହରେ ବହିଲା ଲହୁର ନଦୀ
ଲାଂଛିତା ହେଲେ ପୁର ନାରୀ ବଧୂ ଲୁଣ୍ଠିତ ହେଲା ଭୂଷଣ ଆଦି | (7)

ରକ୍ଷଣଶୀଳର ନଗ୍ନ ଶିଳାରେ ବଳି ପଡିଲା ସେ ଶାନ୍ତି ପ୍ରୀତି
ଆର୍ତ୍ତନାଦରେ ମୁଖରିତ ହେଲା ବ୍ୟାପ୍ତ ବିଦିତ ମୃତ୍ୟୁ ଗୀତି | (8)

ସବୁତ କ୍ଷଣିକ ଏ ଧରାଧାମରେ, କେହି ରହି ନାହିଁ ରହିବ ନା କେବେ
ଭବ ପାରାବାରେ ବୁଦବୁଦ ପରାଏ,  ସବୁ ଲୀନ ହେବ ସମୟର ଭାବେ | (9)

ଦୁର୍ବଳ ସବଳ ନିଜ ଦେଶେ ସଦା, ଅନୁପ୍ରବେଶୀଙ୍କୁ ଦିଅନ୍ତି ଯେ ସଜା

ସ୍ୱାର୍ଥ ସାଧନେ ସଭିଏଁ ବରଦା, ସମାଜ ବିକାଶ ବାରୁଦର ଗଦା | (10)

ଦେଶର ଉନ୍ନତି ଦେଶବାସୀଙ୍କ ଶକତି, ଦେଶ ଭୁଶୁଡ଼ିଲେ ଜନତା ଦୁର୍ଗତି
ଥାଉ ଯେତେ ଧନ ଆଉ ମାନ ସନମାନ, ଦେଶ ଧ୍ୱଂସ ହେଲେ ନରକ ସମାନ | (11)

ପଡୋଶୀ ଦୁର୍ଗତି କାଳ ଅଭିପ୍ରେତ, ସାଜେ ଅଦୂରରେ ଅଶନି ସଙ୍କେତ
ନ ହେଲେ ବେଳହୁଁ ସାଧୁ ସାବଧାନ, ଭେଲା ସେ ବୁଡିବ ନ କର ଯେ ଆନ | (12)

ଜଗତର ଆତ୍ମା ନ ଚିହ୍ନିଲା ଯାଏଁ, ବିଭିଷିକାମୟ ହେବ ଏ ଦୁନିଆ
ଶାନ୍ତି ଓ ସୁହୃଦି ବିରାଜେନା କେବେ, ପ୍ରେମ ଶୁନ୍ୟ ହେବ ଜନ ଜାତି ହିଆ | (13)

ସତ୍ୟ,ଧର୍ମର ପଥ ବନ୍ଧୁର, ସାଧନା କର୍ମ ଅତି ଦରକାର

ଆଶା ଓ ବିଶ୍ୱାସ ବନ୍ଧୁ ଆମର, ସତତ ରହିବା ଆମେ ଆଗୁସାର | (14)

ଅକ୍ଟୋବର ୯, ୨୦୨୧

୧୯,ଆଶ୍ୱିନ

ଶୁକ୍ଳ ପକ୍ଷ,ଚତୁର୍ଥୀ



# "ଡୀୟର୍ ଅଫ୍"

ଦେବରାଜ ସାହୁ
ନର୍ଥ ପଟୋମାକ୍, ମେରିଲାଣ୍ଡ

ଜାହ୍ନବୀ କୁଳରେ
ନିର୍ବାସିତା ସୀତାଙ୍କୁ ଦେଖି
ଦୁଃଖରେ ଚିନ୍ତିତା ହରିଣୀ
ଦେଇଚୁ କ୍ଷୁଧାକୁ ପାଶୋରି

ରାମ ବନବାସ ବେଳେ
ମାୟା ମୃଗ ହୋଇ
ପ୍ରଲୁବ୍ଧା ଜାନକୀଙ୍କୁ
ଅଭିଭୁତ କରିଛୁ ସ୍ୱର୍ଣର ସମ୍ଭାରରେ

ବୌଧ ଜାତକରେ
ସାରଙ୍ଗନାଥ ସାଜି
କରିଛୁ ଜୀବନ ଦାନ
ହରିଣୀର ପ୍ରାଣରକ୍ଷା ପାଇଁ

କଳି ଯୁଗରେ ଏ କି ଅବତାର
ସର୍ବଗ୍ରାସୀ କ୍ଷୁଧାର ଜ୍ୱାଳାରେ
ନାହିଁ ଦୁଃଖରେ ମୁହ୍ୟମାନ କାୟା
ନାହିଁ ଭୟଭୀତ ମାୟା

ମୋ ଉଦ୍ୟାନରେ
ଅଙ୍କୁରିତ ଅସହାୟ ଭୃଣକୁ
ଦୟନୀୟ ଭାବେ ଗ୍ରାସ କରି
ପାଇଚୁ ସନ୍ତୋଷ ସତେ ?


କେଶ କର୍ତନ କରି
ତୋ ପଥକୁ ସୁରଭିତ କରିଚି
କାଳେ ତୋର ମତିଭ୍ରମ ହେବ
ହେଲେ ବଂଚି ନାହିଁ ଚାରା ମୋର

ଅଣ୍ଡାକୁ ଭାଙ୍ଗି
କରିଚି ବିସ୍ତାର
ଚଲା ପଥରେ ତୋର
ହେଲେ ବଂଚି ନାହିଁ ଚାରା ମୋର

ଶତତ କରିଚି ଚେଷ୍ଟା
ତୋ ଆଘ୍ରାଣକୁ କରିବି ବିଫଳ
ମୋ ବୁଦ୍ଧିର ବାଚାଳତାରେ
ହେଲେ ପରାଜିତ ହୋଇଚି ମୁହିଁ

# ବସନ୍ତର ଆଗମନ

ଅଞ୍ଜନା ଚୌଧୁରୀ
ଜର୍ମାନ୍‌ଟାଉନ୍, ମେରୀଲାଣ୍ଡ୍



ହେ ବସନ୍ତ!
ତୁମ ଆଗମନେ
ଫୁଟେ ଫୁଲ ସୁରୁଜ ଚୁମ୍ବନେ
ବୃକ୍ଷ ପାଏ ସତେଜତା ରୌଦ୍ର ଆଲିଙ୍ଗନେ
ଭ୍ରମର ବି ହୁଏ ମତୁଆଲା ମଧୁ ମଳୟ ପବନେ ।

ହେ ବସନ୍ତ!
ତୁମ ଆଗମନେ
ଖେଳନ୍ତି ହୋଲି ସଭିଏଁ
ଫଗୁଣର ଅନେକ ରଙ୍ଗରେ
ଭୁଲି ସାନ ବଡ, ଭରି ପ୍ରେମ, ପ୍ରଣୟ ମନରେ ।

ହେ ବସନ୍ତ!
ତୁମ ଆଗମନେ
ଖେଳିଲା ହୃଦୟେ ମମ ସ୍ପନ୍ଦନ ଅନେକ
ମନେ ଆଣି ନବ ଉନ୍ମାଦନା
ରଙ୍ଗ ସଙ୍ଗେ ଆଣିଛି ମହକ ।

# ପ୍ରେମର ଏ, ନୂତନ ରଙ୍ଗ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍

ଏପ୍ରିଲ୍ ୨୩, ୨୦୨୧



ଛପିଛପି ଆସିଲ ତୁମେ ଜୀବନେ ପଶି
ବଦଳିଗଲା ମୋ ଦୁନିଆଁ, ଦିବସ ନିଶି ।
ଦିବା ସ୍ୱପ୍ନ ଦେଖିଲି ମୁହିଁ, ବୁଡିଲା ବେଳ
ଉଜାଗରେ ବିତିଲା ନିଶି, ହୋଇ ବିଭୋର ।୧।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

ରଙ୍ଗଛଡା ହୃଦୟ ପଟେ, ବୋଳିଲ ରଙ୍ଗ
ସରଜିଲା ମନ ନଈରେ, ଜଳ ତରଙ୍ଗ
ଭାସିଗଲି, ମଝି ନଈକୁ, ନଜାଣି ପାରି
ଡଙ୍ଗା ନେଇ, ନାବିକ ହୋଇ, ଦେଲ ଉଦ୍ଧରି ।୨।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

ଆନମନା, ରହିଲା ମନ, ବିବ୍ରତ ଚିତ୍ତ
ପ୍ରତିଛବି, ତୁମର ସଦା, କଲା ଭ୍ରମିତ
ଫୁଲରେ ବି, ତୁମରି ବାସ୍ନା, ତୁମରି ରଙ୍ଗ
ପବନରେ, ତୁମ ନିଃଶ୍ୱାସ, ଛାଡେନି ସଙ୍ଗ ।୩।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

ଦେବ କିଏ ଉତ୍ତର ମୋତେ, ଏ କେଉଁ ମାୟା
ଅଣାୟତ, କାହିଁକି ଚିତ୍ତ, ଥରଇ କାୟା
ବଞ୍ଚିଛି କି, ମରିଛି ମୁହିଁ, ନପାରେ ଜାଣି
ମୋ ଅସ୍ତିତ୍ୱ ନିଜେ ହଜାଇ, ଖୋଜଇ ପୁଣି ।୪।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

ଏବେ ସବୁ, ଦେହଘଷା ଏ, ପ୍ରେମ ଭାବନା
ଆୟତରେ, ରହେ ଏ ମନ, ହଜିଯାଏନା
ଡାକିଦେଲେ, ଫେରି ଆସଇ, ମୋଅର କତି
ପ୍ରେମର ଏ, ନୂତନ ରଙ୍ଗ, ରଙ୍ଗାଏ ନିତି ।୫।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

ବୟସର ଏ ଅନୁଭୂତି, ସବୁ ବୁଝଇ
ସୁଖଦୁଃଖ, ହସକାନ୍ଦର, ଦୁନିଆ ଏହି
ଏଠି ଥାଏ, ଗୋଲାପ ସାଥେ, କଣ୍ଟା ଗଛରେ
ବେଳେବେଳେ, କଣ୍ଟା ଫୁଟଇ, ରକତ ଝରେ ।୬।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

ଫୁଲ ହେଉ, କଣ୍ଟା ବି ହେଉ, ସବୁ ନିଜର
ତୁମେ ପାଶେ, ରହିଲେ ପ୍ରିୟ, ସବୁ ସୁନ୍ଦର
ରଙ୍ଗମଞ୍ଚ, ଏହି ସଂସାର, ମିଛ ମାୟାର
ହେଲେ ସତ, ଆମ ସଂପର୍କ, ପ୍ରେମ ଆମର ।୭।
ମୋ ପ୍ରିୟ, ମୋ ପ୍ରିୟ, ମୋ ପ୍ରିୟ

# ପ୍ରଲୋଭନ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍
ଅକ୍ଟୋବର୍ ୮, ୨୦୨୧



ପ୍ରଲୋଭନ
ପ୍ରକାଣ୍ଡ କାୟାରେ ତାର ପ୍ରଚଣ୍ଡ ଶକତି
ପ୍ରବଳ ମାୟାରେ କ୍ଷଣେ ଭ୍ରମେ ଭରେ ମତି
ପ୍ରକୃତି ବିକୃତି ହୁଏ, ପ୍ରକଂପିତ ଦେହ
ପ୍ରକୁପିତ ଚିତ୍ତେ ଅଗ୍ନିଦେବଙ୍କ ପ୍ରବାହ ।୧।

ପ୍ରଲୋଭନ
ପୃଥିବୀରେ ଯାହା ଯେତେ ସରସ ସୁନ୍ଦର
ପ୍ରାପତ ହୁଅନ୍ତା ତାହା ହୋଇଯାନ୍ତା ମୋର
ପ୍ରତିଷ୍ଠା, ପ୍ରାଚୁର୍ଯ୍ୟ, ପ୍ରେମ, ପ୍ରାଧାନ୍ୟ ସମସ୍ତ
ପ୍ରଶଂସା, ପ୍ରଭାବ ସର୍ବ ମୋର ହସ୍ତଗତ ।୨।

ପ୍ରଲୋଭନ
ପ୍ରାଜ୍ଞତା, ପ୍ରଶାନ୍ତି, ପ୍ରଫୁଲ୍ଲତା ସର୍ବ କ୍ଷଣ
ପ୍ରଗତି, ପ୍ରକୀର୍ତ୍ତି, ପୁଷ୍ଟି ସଦା ପକୀର୍ତ୍ତନ
ପ୍ରକଟ ହୁଅନ୍ତା ଶୌର୍ଯ୍ୟ, ବୀର୍ଯ୍ୟ, ପୁଞ୍ଜି ଯେତେ
ପ୍ରିୟଜନ ପ୍ରକାଶ୍ୟରେ ନାମ ମୋ ଜପନ୍ତେ ।୩।

ପ୍ରଲୋଭନ
ପ୍ରାପ୍ତି ପାଇଁ ପ୍ରବଞ୍ଚନା ମସ୍ତିଷ୍କକୁ ଘାରେ
ପ୍ରଗଲ୍ଭ ପ୍ରତିହିଂସା ମନେ ନିଶା ଭରେ
ପ୍ରବୀର ମାନବ କ୍ଷଣେ ହୁଏ ଶକ୍ତିହୀନ
ପ୍ରମୁଖ ପ୍ରୟାସ ସର୍ବ ବ୍ୟର୍ଥ ହୁଏ ଜାଣ ।୪।

ପ୍ରଲୋଭନ
ପରାକାଷ୍ଠା ପରିବର୍ତ୍ତେ ଭାଙ୍ଗେ ପରିବାର
ପରାଭବ ସର୍ବ କାର୍ଯ୍ୟେ କ୍ଳାନ୍ତି ନିରନ୍ତର
ପରାସ୍ତ ସୈନିକ ସମ ଦେଇ ଛତ୍ରଭଙ୍ଗ
ପଲାୟନପନ୍ଥୀ ବ୍ରତ ହୁଅଇ ପ୍ରସଙ୍ଗ ।୫।

ପ୍ରଲୋଭନ
ପ୍ରବୋଧି କହୁଛି ତୁମେ ରୁହ ମୋଠୁ ଦୂରେ
ପରବଶ କର ନାହିଁ ଅନୁଗ୍ରହି ମୋରେ
ପରମାନନ୍ଦ ପରମତତ୍ତ୍ୱ ହେଜୁ ମତି
ପରାଂଗତି ଦିଗେ ହେବି ପରହିତବ୍ରତୀ ।୬।

ପ୍ରଲୋଭନ
ପ୍ରଣାମ ଘେନ ମୋହର, କର ଆଶୀର୍ବାଦ
ପରାମର୍ଶ ହେଉ ତୁମ ଠାରୁ ସଙ୍ଗରୋଧ
ପରମେଶ ଆଶ ବହି ଏ ମାୟା ସଂସାରେ
ପରଶମଣି ସମାନ ଜ୍ଞାନ ଜାଗୁ ମୋରେ ।୭।

# Knowing the Place for the First Time

*Babru Samal, Rockville, MD*



“We shall not cease from exploration
And the end of all our exploring
Will be to arrive where we started
And know the place for the first time.”

For the first time?
You must be kidding.
I have visited the same old places
Like my body, eyes, legs, cells
Nucleus, chromatin, and genes

Not for the second time
But for the nth time
Each time getting educated
By an intimate stranger
about my favorite place

Every year as the tools become slicker
As the probes get more intrusive
As the algorithm crawl
towards becoming intelligence
I get a little closer to the design inside me
And get amazed at the logic behind it.

Now we can decipher
Gene action at a single cell level
Like knowing the life of each man
Of each tribe, each race

But
It is just a working hypothesis
Derived by a process
Mathematical assumptions
I don’t really understand

The truth reveals itself
One micron at a time
I won’t be the last time for me
To arrive where I started
And trying to know the place
for the first time.